# NATIONAL NEWS BULLETIN (ODIA)

## 3 July - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ରାଜ୍ୟସଭାରେ ପାରିତ ହେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କଲେ ଅଧ୍ୟକ୍ଷ ।
- ମଣିପୁରରେ ସ୍ଥିତି ସ୍ୱାଭାବିକ କରିବା ଦିଗରେ ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ ଜାରି ରହିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।
- ଉତ୍ତରପ୍ରଦେଶ ହାଥରାସ୍ ଦୁର୍ଘଟଣାର ବିଚାରବିଭାଗୀୟ ତଦନ୍ତ ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।
- ଭାରତ-ମଙ୍ଗୋଲିଆ ଯୁଗ୍ମ ସାମରିକ ଅଭ୍ୟାସ 'ନୋମୋଡିକ୍ ଏଲିଫ୍ୟାଣ୍ଟ' ଆଜି ମେଘାଳୟର ଉମରୋଇ ଠାରେ ଆରମ୍ଭ ହୋଇଛି ।

ଏବଂ

- ଦିଲ୍ଲୀ ଅବକାରୀ ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିଚାରବିଭାଗୀୟ ହାଜତ ଅବଧି ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କଲେ ସ୍ଥାନୀୟ ଅଦାଲତ ।

## ରାଜ୍ୟସଭା-ସାଇନ୍‌ଡାଏ

ରାଜ୍ୟସଭାକୁ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ସଂସଦର ମିଳିତ ଅଧିବେଶନରେ  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ରାଜ୍ୟସଭାରେ ପାରିତ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଏହି ଘୋଷଣା କରିଛନ୍ତି ।

## ପିଏମ୍ ଆଡ୍ରେସ୍

ମଣିପୁରରେ ସ୍ଥିତି ସ୍ୱାଭାବିକ କରିବା ଦିଗରେ ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ ଜାରି ରହିଥିବା ସମ୍ପର୍କରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଆଜି ରାଜ୍ୟସଭାରେ ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇ ଶ୍ରୀ ମୋଦୀ ଏହା

କହିଛନ୍ତି । ମଣିପୁରରେ ଶାନ୍ତି ଏବଂ ସୌହାର୍ଦ୍ଦଭାବ ଫେରାଇ ଆଣିବା ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ପ୍ରତିପକ୍ଷଙ୍କ ସହିତ ଆଲୋଚନା କରୁଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିଜେ ଶାନ୍ତି ପ୍ରତିଷ୍ଠା ଦିଗରେ ନେତୃତ୍ୱ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ଶାନ୍ତି ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସେଠାରେ ନିୟୋଜିତ କରିଛନ୍ତି । ତେବେ ମଣିପୁରରେ ହିଂସାତ୍ମକ ଘଟଣା କ୍ରମାଗତ ଭାବେ ହ୍ରାସ ପାଇବା ଉପରେ ଆଲୋକପାତ କରିବା ସହ ସେଠାରେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ମଧ୍ୟ ଏବେ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

ରାଜ୍ୟସଭାରେ ଉତ୍ତର ଦେବା ସମୟରେ ଶ୍ରୀ ମୋଦୀ ମଣିପୁରରେ ଦେଖାଦେଇଥିବା ବନ୍ୟା ସ୍ଥିତି ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ୨ କମ୍ପାନୀ ଏନ୍.ଡି.ଆର୍.ଏଫ୍. ସେଠାରେ ନିୟୋଜିତ କରାଯାଇଛି । ଏହାଛଡ଼ା କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ ପ୍ରଭାବିତ ଲୋକଙ୍କୁ

ସହାୟତା ଯୋଗାଇଦେବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ପ୍ରଧାନମନ୍ତ୍ରୀ କଂଗ୍ରେସକୁ ସମ୍ବିଧାନର ସବୁଠୁ ବଡ଼ ବିରୋଧୀ ଭାବେ ଅଭିହିତ କରିବା ସହ ଅନୁସୂଚୀତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ବିରୋଧୀ କରିବା ଭଳି ଚିନ୍ତାଧାରା ଏହି ଦଳ ନିକଟରେ ରହିଛି ବୋଲି ଅଭିଯୋଗ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଏହି ଦଳ ଅପମାନିତ କରିଥିବା ବେଳେ ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଅପମାନ କରିବାରେ କୌଣସି ଦିଗକୁ ହାତଛଡ଼ା କରିନାହାନ୍ତି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ସମ୍ବିଧାନ କେବଳ କିଛି ଧାରାର ସଂକଳନ ନୁହେଁ, ବରଂ ଏହାର ଆଭିମୁଖ୍ୟ ଏବଂ ଶବ୍ଦ ସରକାରଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ । ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ସମ୍ବିଧାନ ଏବେ ୭୫ ବର୍ଷରେ ପଦାର୍ପଣ କରୁଛି । ସେ କହିଛନ୍ତି ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ବହୁ କଲ୍ୟାଣମୂଳକ ପଦକ୍ଷେପ ନିଆଯାଉଛି । ଏହି ପାଳିରେ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ

ପରିବହନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବ । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧୦ କୋଟିରୁ ଅଧିକ କୃଷକ ଉପକୃତ ହୋଇଛନ୍ତି । ଗତ ୬ ବର୍ଷ ମଧ୍ୟରେ ଏହି ଯୋଜନାରେ ହିତାଧିକାରୀଙ୍କୁ ୩ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

## ପିଏମ୍-ଭିପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାର ୨୬୪ତମ ଅଧିବେଶନର ସମାପ୍ତ ପରେ ଆଜି ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଭେଟିଛନ୍ତି । ତାଙ୍କ ସହିତ ରାଜ୍ୟସଭାରେ ଗୃହର ନେତା ଜେ.ପି. ନଡ୍ଡାଙ୍କ ସମେତ ଅନ୍ୟ କେନ୍ଦ୍ର ମନ୍ତ୍ରୀ ଏବଂ ସାଂସଦମାନେ ମଧ୍ୟ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ ।

## ହାଥରାସ୍ ଷ୍ଟାମ୍ପେଡ୍

ଉତ୍ତରପ୍ରଦେଶ ହାଥରାସ୍ ଦୁର୍ଘଟଣାର ବିଚାରବିଭାଗୀୟ ତଦନ୍ତ ଲାଗି ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଥିବା ଏହି

ତଦନ୍ତକାରୀ ଦଳରେ ଅବସରପ୍ରାପ୍ତ ପ୍ରଶାସନିକ ଏବଂ ପୁଲିସ୍ ଅଧିକାରୀ ସଦସ୍ୟ ରହିବେ । ଇତିମଧ୍ୟରେ ରାଜ୍ୟ ସରକାର ଆଗ୍ରାର ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏହି ଘଟଣାର ତଦନ୍ତ ଲାଗି ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ୍.ଆଇ.ଟି. ଗଠନ କରିଛନ୍ତି । ଏହି ଏସ୍.ଆଇ.ଟି. ଏହାର ପ୍ରାଥମିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିସାରିଛି । ତେବେ ଏହି ଦୁର୍ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ତଦନ୍ତ କରିବାକୁ ଏସ୍.ଆଇ.ଟି.କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟ ପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଥରାସ୍ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଆଜି ସ୍ଥାନୀୟ ସରକାରୀ ହସ୍ପିଟାଲ୍‌ରେ ଭେଟିଛନ୍ତି । ଏଥିସହିତ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଏବଂ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହିତ ସେ ଆଲୋଚନା କରିଛନ୍ତି । ଡାକ୍ତରଙ୍କର କହିବା ଅନୁଯାୟୀ, ଆହତମାନଙ୍କର ଚିକିତ୍ସା ଚାଲୁ ରହିଥିବା ବେଳେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ବିପଦମୁକ୍ତ ବୋଲି ଜଣାପଡ଼ିଛି ।

ଏଥିସହିତ ମୁଖ୍ୟମନ୍ତ୍ରୀ ଘଟଣା ସ୍ଥଳ ମଧ୍ୟ ପରିଦର୍ଶନ ମଧ୍ୟ କରିଛନ୍ତି । ପରେ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଏବଂ ମୁଖ୍ୟ ଶାସନ ସଚିବ ମଜୋନ କୁମାର ସିଂହଙ୍କ ସହିତ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସେ କହିଛନ୍ତି, ମୃତକଙ୍କ ପରିବାରବର୍ଗଙ୍କୁ ଉଭୟ କେନ୍ଦ୍ର ଓ

ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇ ସାରିଛି । ଏହି ଦୁର୍ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିଭଳି ରାଜ୍ୟ ସରକାର ମୃତକଙ୍କ ପରିବାରବର୍ଗଙ୍କ ଲାଗି ୪ଲକ୍ଷ ଟଙ୍କା ଲେଖାଏଁ ଆହତଙ୍କ ଲାଗି ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

ଏହି ଦୁର୍ଘଟଣାରେ ପିଡ଼ିତ ବ୍ୟକ୍ତିଙ୍କର ପିଲାମାନେ ଯଦି ବିଦ୍ୟାଳୟରେ ପାଠପଢୁଥାନ୍ତି ସେମାନଙ୍କର ଶିକ୍ଷା ଲାଗି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ବାଲ୍ ସେବା ଯୋଜନା ଅଧୀନରେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଗତକାଲି ସିକନ୍ଦରାରାଓ ତହସିଲ ଅନ୍ତର୍ଗତ ଫୁଲରାଇ ଗ୍ରାମର ଭୋଲେବାବାଙ୍କ ସତ୍ସଙ୍ଗରେ ଘଟିଥିବା ଏହି ଦୁର୍ଘଟଣାରେ ୧୨୧ଜଣଙ୍କର ମୃତ୍ୟୁ ହେବା ସହିତ ୩୧ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକମାନଙ୍କ ମଧ୍ୟରେ ଅଧିକାଂଶ ଶ୍ରଦ୍ଧାଳୁ ଉତ୍ତରପ୍ରଦେଶ, ହରିୟାଣା, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ବୋଲି ସରକାରୀ ଭାବେ ସୂଚନା ଦିଆଯାଇଛି । ଏହି ସତ୍ସଙ୍ଗ କାର୍ଯ୍ୟକ୍ରମ ଶେଷ

ହେବା ପରେ ଶ୍ରଦ୍ଧାଳୁମାନେ ଭୋଲେବାବାଙ୍କ ଦର୍ଶନ କରିବାକୁ ଚେଷ୍ଟା କରିବାରୁ ଏହି ଅଘଟଣ ଘଟିଛି ବୋଲି ସମ୍ବାଦଦାତା ଜଣାଇଛନ୍ତି ।

ଫରେନ୍‌ସିକ୍ ବିଶେଷଜ୍ଞମାନେ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳ ଆଜି ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ସେଠାରୁ ଅନେକ ନମୁନା ସଂଗ୍ରହ କରିଛନ୍ତି । ସ୍ଥାନୀୟ ଜିଲ୍ଲାପାଳ ଆଶିଶ କୁମାର କହିଛନ୍ତି, ଏହି ଘରୋଇ ସତ୍‌ସଂଗ ସମାରୋହ ଆୟୋଜନ କରିବା ଲାଗି ଉପଖଣ୍ଡୀୟ ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା । ତେବେ ସମ୍ପୃକ୍ତ ସତ୍‌ସଂଗ ସ୍ଥଳ ବାହାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଭିତରେ ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା ବୋଲି ଜିଲ୍ଲାପାଳ କହିଛନ୍ତି ।

## ମେଘାଳୟ-ମଙ୍ଗୋଲିଆ ଏଲିଫ୍ୟାଣ୍ଟ

ଭାରତ-ମଙ୍ଗୋଲିଆ ଯୁଗ୍ମ ସାମରିକ ଅଭ୍ୟାସ 'ନେମୋଡିକ୍ ଏଲିଫ୍ୟାଣ୍ଟ' ଆଜି ମେଘାଳୟର ଉମରୋଇ ଠାରେ ଆରମ୍ଭ ହୋଇଛି । ଏହି ସମାରିକ ଅଭ୍ୟାସ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ସିକ୍କିମ୍ ସ୍କାଉଟସ୍ ସମେତ ସେନାର ୪୫ ଜଣ ସୈନ୍ୟ ଯୋଗଦେଇଥିବା ବେଳେ ମଙ୍ଗୋଲିଆ ସେନାର ୧୫୦ ଜଣ ଅଂଶଗ୍ରହଣ କରିଛନ୍ତି । ଆଜିର ଉଦ୍‌ଘାଟନୀ ସମାରୋହରେ ଭାରତରେ ଅବସ୍ଥାପିତ ମଙ୍ଗୋଲିଆର

ରାଷ୍ଟ୍ରଦୂତ ଡାମ୍‌ବାଜାଭିନ୍ ଗାନ୍‌ବୋଲ୍ଡ ଏବଂ ଭାରତର ସେନାର ମେଜର ଜେନେରାଲ୍ ପ୍ରସନ ଯୋଶୀ ଉପସ୍ଥିତ ଥିଲେ । ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ପାହାଡ଼ି ଉପତ୍ୟକାରେ ବିଭିନ୍ନ ପ୍ରକାର ସନ୍ତ୍ରାସବାଦ ତଥା ବିଦ୍ରୋହୀ ସଂଗଠନ ଗୁଡ଼ିକୁ ପ୍ରତିହତ କରିବା ଲାଗି କ୍ଷମତା ବୃଦ୍ଧି କରିବା ହେଉଛି ଏହି ଯୁଗ୍ମ ସାମରିକ ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ । ଗତବର୍ଷ ଏହି ସାମରିକ ଅଭ୍ୟାସ ମଙ୍ଗୋଲିଆରେ ଅନୁଷ୍ଠିତ ହୋଇଥିଲା ।

## କେଜରିୱାଲ-କୋର୍ଟ୍

ଦିଲ୍ଲୀର ରାଉଜ୍ ଆଭେନ୍ୟୁ ଅଦାଲତ ଦିଲ୍ଲୀ ଅବକାରୀ ନୀତିରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଜି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିଚାରବିଭାଗୀୟ ହାଜତ ଅବଧିକୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏଥିସହିତ ଏମସ୍ ଦ୍ୱାରା ଗଠନ କରାଯାଇଥିବା ସ୍ୱତନ୍ତ୍ର ବୋର୍ଡ ଦ୍ୱାରା ହେବାକୁ ଥିବା ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ତାଙ୍କର ସ୍ତ୍ରୀଙ୍କର ଉପସ୍ଥିତି ସମ୍ପର୍କିତ କେଜରିୱାଲଙ୍କ ଅନ୍ୟ ଏକ ଆବେଦନ ଉପରେ ଅଦାଲତ ନିଜର ରାୟ ସଂରକ୍ଷିତ ରଖିଛନ୍ତି । ଏହାଛଡ଼ା ଏହି ମାମଲାରେ ସଂପୃକ୍ତି ଅଭିଯୋଗରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଶ ସିସୋଦିଆ ଏବଂ ବି.ଆର୍.ଏସ୍.ର ବିଧାୟିକ କେ.

କବିତାଙ୍କର  ବିଚାରବିଭାଗୀୟ ହାଜତ ଅବଧିକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

ଅନ୍ୟ ପକ୍ଷରେ ଏହି ଅବକାରୀ ନୀତି ଦୁର୍ନୀତି ମାମଲାରେ  ଶ୍ରୀ କେଜରିୱାଲ ଆଜି ଜାମିନ୍ ଲାଗି ଦିଲ୍ଲୀ ଉଚ୍ଚନ୍ୟାୟାଳରେ ଆବେଦନ କରିଛନ୍ତି । ତାଙ୍କ ଆବେଦନର ଶୁଣାଣି ଆସନ୍ତା ୫ ତାରିଖରେ ହାଇକୋର୍ଟରେ ହେବ ବୋଲି ଜଣାପଡ଼ିଛି ।

## ଝାଡ଼ଖଣ୍ଡ-ହେମନ୍ତ ସୋରେନ୍

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ୍‌ଙ୍କୁ ପୁନର୍ବାର ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ କରିବା ଲାଗି ଇଣ୍ଡି ମେଣ୍ଟ ବିଧାୟକ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଝାଡ଼ଖଣ୍ଡ ରାଜନୈତିକ ସ୍ଥିତି ଉପରେ ଆଲୋଚନା ଲାଗି ହେମନ୍ତ ସୋରେନ୍‌ଙ୍କ ଦ୍ୱାରା ଆହୁତ ଏକ ବୈଠକରୁ ଏହି ସୂଚନା ମିଳିଛି । ଏହି ବୈଠକରେ ଜେ.ଏମ୍.ଏମ୍., କଂଗ୍ରେସ ଏବଂ ଆର୍.ଜେ.ଡି.ର ବିଧାୟକମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଜମି ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ହେମନ୍ତ ସୋରେନ୍ ଚଳିତ ବର୍ଷ ଜାନୁଆରୀ ୩୧ ତାରିଖ ଦିନ ପ୍ରବର୍ତ୍ତନ

ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ୍ ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ । ପରେ ଶ୍ରୀ ସୋରେନ୍‌ଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଗତମାସ ୨୮ ତାରିଖରେ ଜାମିନ ପ୍ରଦାନ କରିଥିଲେ ।